بسم الله الرحمن الرحيم

**୫ ମଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍**

**ହଜରତ ମସିହ ମଉଦ୍ [ଅ.ସ]ଙ୍କ ପବିତ୍ର ଉପଦେଶାବଳୀ ପ୍ରକାଶରେ ନ୍ୟାୟ, ଦୟା ପରବଶ ଓ ନିଜ ଆତ୍ମୀୟ ସ୍ୱଜନମାନଙ୍କ ରୋଚକପୂର୍ଣ୍ଣ ବ୍ୟାଖ୍ୟା । ପାକିସ୍ତାନର ଅହେମଦିମାନଙ୍କ ପାଇଁ ବିଶେଷ ଦୁଆ କରିବାକୁ ହଜୁର ଅନଓ୍ୱର [ଅ.ବ]ଙ୍କର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ସୁରାଃ ନହଲ୍‌ର ଆୟତ** ଇନ୍‌ନଲ୍ଲାହା ୟାମୁରୁ ବିଲ୍‌ଅଦ୍‌ଲି ଓଲ୍‌ଇହ୍ ସାନି ଓ ଈତାଇଜୁଲ୍ କୁର୍‌ବା ଓୟନ୍‌ହା ଆନିଲ୍ ଫହ୍‌ଶାଇ ଓଲ୍‌ମୁନ୍ କରି ଓଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍ଲକୁମ୍ ତଜକ୍ କରୁନ୍‌ର ମଧ୍ୟ ଆବୃତ୍ତି କରି ପ୍ରିୟ ହଜୁର ଅନଓ୍ୱର[ଅ.ବ] ଅନୁବାଦ ଉପସ୍ଥାପନ କଲେ; ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା (ଅନ୍ୟର) ହିତ ସାଧାନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସାହାଯ୍ୟ କରିବାକୁ ଆଦେଶ ଦେଇଛନ୍ତି । ପ୍ରତ୍ୟେକ ପ୍ରକାରର ନିର୍ଲଜ୍ଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରିଛନ୍ତି । ସେ ତୁମମାନଙ୍କୁ ଉପଦେଶ ଦେଇଛନ୍ତି ଯଦ୍ୱାରା ତୁମେମାନେ ବୁଝିପାରିବ ।

ଆପଣ କହିଲେ; ଏହି ଆୟତ ପ୍ରତ୍ୟେକ ଜୁମାରେ ଏବଂ ଦୁଇ ଇଦ୍ ଅବସରରେ ମଧ୍ୟ ଆବୃତ୍ତି କରାଯାଇଥାଏ । ଏହି ଆୟତରେ କେତେକ ପୁଣ୍ୟକର୍ମ ସମ୍ପାଦନ କରିବାକୁ ଓ କେତେକ ଅପକର୍ମରୁ ନିବୃତ୍ତ ରହିବାକୁ ଆଦେଶ ଦିଆଯାଇଛି । ଜଣେ ପ୍ରକୃତ ବିଶ୍ୱାସକାରୀର ଲକ୍ଷଣ ଏହି କି ଯେ, ସେ ଅଲ୍ଲାଃତାଲାଙ୍କ ପ୍ରତ୍ୟେକ ନିର୍ଦ୍ଦେଶାବଳୀର ଠିକ୍ ଠିକ୍ ପାଳନ କରିଥାଏ । ଏହି ଆୟତରେ ଯେଉଁ ସତ୍‌କର୍ମ ସମ୍ପାଦନ କରିବାର ଚର୍ଚ୍ଚା କରାଯାଇଛି ଅର୍ଥାତ ନ୍ୟାୟ, ଦୟା ପରବଶ ଓ ନିଜ ଆତ୍ମୀୟ ସ୍ୱଜନମାନଙ୍କ (ଈତାଇଜିଲ୍ କୁର୍‌ବା) ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ପ୍ରସଙ୍ଗରେ ଆଜି ମୁଁ ହଜରତ ମସିହ ମଉଦ୍ [ଅ.ସ]ଙ୍କ ପବିତ୍ର ଉପଦେଶାବଳୀ ପ୍ରକାଶରେ କିଛି ତଥ୍ୟ ଉପସ୍ଥାପନ କରିବି । ସେ ସମସ୍ତ ତଥ୍ୟ ଗୋଟିଏ ଅକ୍ଷ ଚାରିପଟେ ଘୂରୁ ଅଛି । ଯଦିଚ ହଜୁର ବିଭିନ୍ନ ରଙ୍ଗରେ ଆମମାନଙ୍କୁ ଉପଦେଶ ଦେଇ ବୁଝାଇଛନ୍ତି ।

ଏହି ଅମୂଲ୍ୟ ଉପଦେଶାବଳୀ ଆମମାନଙ୍କୁ ନିଜ ଜୀବନ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ଅତିବାହିତ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କରୁଅଛି । ଯଦି ଆମେମାନେ ଉକ୍ତ ନିର୍ଦ୍ଦେଶାବଳୀର ବିଶ୍ଳେଷଣ କରିବା ଏବଂ ତଦ୍‌ନୁରୂପ ନିଜ ଜୀବନ ଅତିବାହିତ କରିବାକୁ ପ୍ରୟାସ କରିବା ତେବେ ନିଶ୍ଚିତ ରୂପେ ଆମେ ପ୍ରଭୁଙ୍କ ସହିତ ନିଜ ସମ୍ପର୍କକୁ ସୁଦୃଢ଼ କରିପାରିବା ଏବଂ ପରସ୍ପରର କର୍ତ୍ତବ୍ୟ ମଧ୍ୟ ଅତି ସହଜରେ ସମ୍ପାଦନ କରିପାରିବା ।

**ଅଲ୍ଲାଃ ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ହିଁ ସେହି ମାର୍ଗ ଯାହାକି ସମାଜ ଓ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଜାମିନ୍ ଅଟେ ।** କିନ୍ତୁ ଦୁଃଖଦ ଯେ ବିଶ୍ୱବାସୀ ଏଥିପ୍ରତି ମନଯୋଗ କରୁ ନାହାନ୍ତି ଏବଂ ମୁସଲମାନ ରାଷ୍ଟ୍ର ହେଉ ଅବା ଅନ୍ୟମାନେ ସଭିଏଁ ପରସ୍ପରର ଅଧିକାର ଆତ୍ମସାତ କରିବା ପ୍ରତି ପ୍ରୟାସରତ । ଏପରି ଅବସ୍ଥାରେ ହଜରତ ମସିହ ମଉଦ୍ [ଅ.ସ]ଙ୍କ ଅନୁଗାମୀମାନଙ୍କ କର୍ତ୍ତବ୍ୟ ଯେ ସେମାନେ ଆତ୍ମ-ସଂଶୋଧନ କରିବା ସହିତ ସଂସାରବାସୀଙ୍କର ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷିତ କରାନ୍ତୁ ।

ହଜରତ ମସିହ ମଉଦ୍[ଅ.ସ] କୁହନ୍ତି; ତୁମମାନଙ୍କୁ ପ୍ରଭୁଙ୍କର ଏହି ଆଦେଶ ଯେ ତୁମେ ତାଙ୍କ ଓ ତାଙ୍କ ସୃଷ୍ଟି ସହିତ

ନ୍ୟାୟ ଆଚରଣ କର ଅର୍ଥାତ ଅଲ୍ଲାଃ ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କର ଏବଂ ସମ୍ଭବ ହେଲେ ଏଥିରୁ ଅଧିକ, କେବଳ ନ୍ୟାୟ ଆଚରଣ କର ନାହିଁ ବରଂ ଦୟା ପରବଶ ହୁଅ । ଅର୍ଥାତ କର୍ତ୍ତବ୍ୟରୁ ଉର୍ଦ୍ଧ୍ୱକୁ ଉଠି ପ୍ରଭୁଙ୍କର ଏପରି ନିଷ୍ଠାର ସହ ଆରାଧନା କର ଯେପରିକି ତୁମେ ତାଙ୍କୁ ସ୍ୱଚକ୍ଷୁରେ ଅବଲୋକନ କରୁଅଛ । କର୍ତ୍ତବ୍ୟ ସମ୍ପାଦନ କରିବାରୁ ବଳି ଲୋକମାନଙ୍କ ସହିତ ନମ୍ର ଆଚରଣ କର । ଆଉ ଯଦି ସମ୍ଭବ ହୁଏ ତେବେ ନିସ୍ୱାର୍ଥପର ଭାବରେ ପ୍ରଭୁଙ୍କର ଉପାସନା ଓ ତାଙ୍କ ସୃଷ୍ଟିର ସେବା କର ଯେମିତିକି କେହି ଜଣେ ଅତି ଆପଣା ଓ ନିକଟତରର ଆବେଗ ପୂର୍ଣ୍ଣତା ଯୋଗୁଁ (ନମ୍ର ଆଚରଣ) କରିଥାଏ ।

ପୁନଶ୍ଚ ଏହି ଆୟତର ପ୍ରକାଶରେ ଅଲ୍ଲାଃତାଲା କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରସଙ୍ଗରେ ଅଧିକ ବ୍ୟାଖ୍ୟା କରି ଆପଣ[ଅ.ସ] କୁହନ୍ତି; ଯେପରିକି ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି, କେହି ତାଙ୍କ ପରି ପ୍ରିୟ ନୁହେଁ, କେହି ଧ୍ୟାନ ଯୋଗ୍ୟ ନୁହେଁ କାରଣ ସୃଷ୍ଟିକର୍ତ୍ତା, ସ୍ୱୟଂଶାସିତ ଓ ପାଳନକର୍ତ୍ତା ଆଦି ପ୍ରତ୍ୟେକ ଦୃଷ୍ଟିରୁ ସେ ଜଣେ ହିଁ ଏହାର ଅଧିକାରୀ । ଯଦି ତୁମେ ଏହି ଦାୟିତ୍ୱ ସମ୍ପନ୍ନ କରିଦେଲ ତେବେ ତୁମେ ନିଜ କର୍ତ୍ତବ୍ୟର ନିର୍ବାହ କରିଦେଲ । ଆଉ ଯଦି ଏଥିରୁ ଅଧିକ ଉନ୍ନତି କରିବାକୁ ଇଚ୍ଛୁକ ତେବେ ତୁମ ପାଇଁ ଦୟା ଆଚରଣର ଦ୍ୱାର ଉନ୍ମୁକ୍ତ ରହିଛି ଏବଂ ତାହା ଏହିକି ଯେ ତୁମେ ତାଙ୍କ ଗାରିମାର ଏପରି ଅନୁଗାମୀ ପାଲଟିଯାଅ ଓ ତାଙ୍କର ଏପରି ଆରାଧକ ହୋଇଯାଅ ତଥା ତାଙ୍କ ପ୍ରେମରେ ନିଜକୁ ଏପରି ହଜାଇ ଦିଅ ଯେପରି ତୁମେ ତାଙ୍କ ପ୍ରତିଷ୍ଠା, ଗାରିମା ଓ ଅନନ୍ତ ସୌନ୍ଦର୍ଯ୍ୟକୁ ଦେଖି ନେଇଛ । ତାହା ପରବର୍ତ୍ତୀ ସ୍ତର ନିଜ ଆତ୍ମୀୟ ସ୍ୱଜନମାନଙ୍କର ଅଟେ । ତାହା ଏହିକି ଯେ ତୁମ ଉପାସନା, ପ୍ରେମ ଓ ତୁମ ଆଜ୍ଞାକାରୀତା ଲୋକଦେଖାଣିଆ ଓ କଳାକୃତ୍ତି ଠାରୁ ସମ୍ପୂର୍ଣ୍ଣ ରୂପେ ପୃଥକ ହୋଇଯାଉ ଏବଂ ତୁମେ ତାଙ୍କୁ ଏପରି ଆନ୍ତରିକତାର ସହିତ ସ୍ମରଣ କର ଯେପରି ତୁମେ ନିଜ ପିତୃ ପୁରୁଷଙ୍କୁ ସ୍ମରଣ କରୁଛ ତଥା ତୁମ ପ୍ରୀତି ସମ୍ପର୍କ ଏପରି ହୋଇଯାଉ ଯେପରି ଏକ ଶିଶୁ ତାହାର ଜନନୀକୁ ପ୍ରେମ କରିଥାଏ ।

ପୁନଶ୍ଚ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରସଙ୍ଗରେ ଏହି ଆୟତ୍‌ର ପ୍ରକାଶରେ ଆପଣ[ଅ.ସ] କୁହନ୍ତି; **ନିଜ ଭ୍ରାତା ଓ ମାନବ ଜାତି ପ୍ରତି ନ୍ୟାୟ ଆଚରଣ କର ଏବଂ ନିଜ ଅଧିକାରକୁ ବାଦ ଦେଇ ସେମାନଙ୍କ ପ୍ରତି ବିମୁଖତା ଅବଲମ୍ବନ କର ନାହିଁ ଏବଂ ନ୍ୟାୟ ଆଚରଣ କର ।** ଆଉ ଯଦି ଏହି ସ୍ତରରୁ ଆଗକୁ ଉନ୍ନତି କରିବାକୁ ଚହୁଁଛ ତେବେ ତହୁଁ ଉର୍ଦ୍ଧ୍ୱେ ଦୟା ଆଚରଣର ସ୍ତର ରହିଛି । ତାହା ଏହିକି ଯେ ନିଜ ଭାଇର ଅନ୍ୟାୟ ଓ ଅତ୍ୟାଚାର ପ୍ରତିବଦଳରେ ତୁମର ତାଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କର । ସେ ତୁମକୁ କଷ୍ଟ ପହଂଚାଇବା ସ୍ଥଳେ ତୁମେ ତାଙ୍କୁ ଆରାମ ଓ ଶୁଖ ସମୃଦ୍ଧି ତଥା ତାଙ୍କ ପ୍ରତି ନିଜ ଦୟା ଆଚରଣର ହସ୍ତ ପ୍ରଶସ୍ତ କର । ତତ୍ ପଶ୍ଚାତ ନିଜ ଆତ୍ମୀୟ ସ୍ୱଜନମାନଙ୍କ ସ୍ତର ରହିଛି ଏବଂ ତାହା ଏହିକି ଯେ ତୁମେ ଯେଉଁଳି ନିଜ ଭାଇ ସହିତ ପୁଣ୍ୟ କରିବ ଅବା ମାନବଜାତିର ମଙ୍ଗଳ ଓ ଉପକାର ସାଧିତ କରିବ ସେଥିଅନ୍ତେ ନିଜର କୌଣସି ପ୍ରକାରର ଆତ୍ମବଡ଼ିମା (ମହାତ୍ମ୍ୟ) ପ୍ରକାଶ କରିବ ନାହିଁ । ବରଂ ସ୍ୱଭାବିକ ରୂପେ ତାହା ତୁମ ଦ୍ୱାରା ସମ୍ପାଦିତ ହୋଇଥିବାର ମନେକରିବ । ଯେପରିକି ଘନିଷ୍ଠତା ହେତୁ ଜଣେ ଅନ୍ୟ ଜଣର ଉପକାର କରିଥାଏ ।

ସୁତରାଂ ଏହା ସ୍ୱଭାବଗତ ଉନ୍ନତିର ଚୂଡ଼ାନ୍ତ ସ୍ତର ଅଟେ । ଯେ ମାନବଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରେ କୌଣସି ପ୍ରକାରର ସ୍ୱାର୍ଥ ଅଥବା ଉଦ୍ଦେଶ୍ୟ ପ୍ରାପ୍ତି ମଝିରେ ନଥାଏ ବରଂ ଭାତୃଭାବ ଓ ମାନବୀୟ ସମ୍ପର୍କ ଉତ୍ତେଜିତ ହୋଇ ସର୍ବୋଚ୍ଚ ସ୍ତରରେ ଉପନୀତ ହୋଇଥାଏ । ବିନା କୌଣସି ପ୍ରକାରର ଲୋକଦେଖାଣିଆ ଓ କୃତଜ୍ଞତା ବ୍ୟତୀତ ଅଥବା ଦୁଆ କରିବା ଅଥବା ଅନ୍ୟ କୌଣସି ପ୍ରକାରର କାର୍ଯ୍ୟର ପ୍ରତିକ୍ରିୟା ପରିବର୍ତ୍ତେ ତାହା ମାତ୍ର ସ୍ୱଭାବଗତ ଉତ୍ତେଜନା ଫଳରେ ସମ୍ପାଦିତ ହୋଇଥାଏ । ଆଉ ଏକ ଅବସରରେ ଆପଣ[ଅ.ସ] କହିଲେ; ଏହି ଆୟତରେ ଅଲ୍ଲାଃତାଲା ମନୁଷ୍ୟର ତିନି ଗୋଟି ବୁଦ୍ଧିଜ୍ଞାନର ବର୍ଣ୍ଣନା କରି ଦେଇଛନ୍ତି । ତୃତୀୟ ସ୍ତର ବ୍ୟକ୍ତିଗତ ପ୍ରେମ ଅଟେ । ଏହା ସେହି ସ୍ତର ଯେଉଁସ୍ଥଳେ ସମସ୍ତ କାମନା, ଆଶା ଆକାଂକ୍ଷା ଜଳିପୋଡ଼ି ଭସ୍ମୀଭୂତ ହୋଇ ଯାଇଥାଏ । ହୃଦୟ ଏପରି ପ୍ରେମରେ ପରିପୂର୍ଣ୍ଣ ହୋଇଯାଇଥାଏ ଯେପରି ଏକ ଶିଶି ଅତରରେ ପରିପୂର୍ଣ୍ଣ ରହିଥାଏ । ଏହି ସ୍ତର ପ୍ରତି ଉକ୍ତ

ଆୟତରେ ଇଙ୍ଗିତ କରାଯାଇଛି । ଅର୍ଥାତ ବିଶ୍ୱାସକାରୀ ମାନଙ୍କ ମଧ୍ୟରୁ କେତେକ ଏପରି ମଧ୍ୟ ଅଛନ୍ତି ଯେ ନିଜ ଜୀବନ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବା ସକାଶେ ବିକ୍ରି କରି ଦେଇଥାନ୍ତି ଏବଂ ପ୍ରଭୁ ଏପରି ଲୋକମାନଙ୍କ ଉପରେ ହିଁ ନିଜର ବିଶେଷ କୃପାବତୀର୍ଣ୍ଣ କରିଥାନ୍ତି ।

ଆପଣ[ଅ.ସ] କୁହନ୍ତି; ଦେଖ ପ୍ରଭୁ ତୁମ ଠାରୁ କ'ଣ ଆଶା କରୁଛନ୍ତି । ବାସ୍ ଏତିକି ଯେ ତୁମେ ମାନବଜାତି ସହ ନ୍ୟାୟ ଆଚରଣ କର ଏବଂ ତା'ଠାରୁ ଅଧିକ ଏହିକି ଯେ ସେମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କର, ଯେ ତୁମ ସହ କୌଣସି ଉତ୍ତମ ଆଚରଣ ପ୍ରଦର୍ଶନ କରି ନାହାନ୍ତି । ତହୁଁ ଅଧିକ ଏହିକି ଯେ ତୁମେ ପ୍ରଭୁଙ୍କ ସୃଷ୍ଟି ସହିତ ଏପରି ସହାନୁଭୂତି ପ୍ରଦର୍ଶନ କର ଯେପରିକି ତୁମେ ତାଙ୍କର ବନ୍ଧୁବାନ୍ଧବ । ଯେପରି ଜଣେ ମାତା ନିଜ ସନ୍ତାନ ସହିତ ବ୍ୟବହାର କରିଥାଏ । କାରଣ ଦୟା ଆଚରଣକାରୀ କଦାଚିତ୍ ନିଜ ଉଦାରତାର ପ୍ରକାଶ ମଧ୍ୟ କରିଦେଇଥାଏ କିନ୍ତୁ ଯେ ଜଣେ ଜନନୀ ପରି ନିଜ ପ୍ରବୃତ୍ତିଗତ ଆଚରଣ ଯୋଗୁଁ ପୁଣ୍ୟ କରିଥାଏ ସେ କଦାପି ନିଜ ଆତ୍ମବଡ଼ିମା ବଖାଣି ନଥାଏ । ସୁତରାଂ ସତ୍‌କର୍ମ ସମ୍ପାଦନ କରିବାର ଚୂଡ଼ାନ୍ତ ସ୍ତର ସ୍ୱଭାବଗତ ଉତ୍ତେଜନା (ବ୍ୟଗ୍ରତା) ଅଟେ । ଯାହାକି ଏକ ଜନନୀ ପରି ସମ୍ପାଦିତ ହୋଇଥାଏ ।

ଏହି ଆୟତ୍‌ରେ କେବଳ ସୃଷ୍ଟି ପ୍ରତି ନ୍ୟାୟ ଆଚରଣ କରିବାକୁ ଦର୍ଶାଯାଇ ନାହିଁ ବରଂ ପରମେଶ୍ୱରଙ୍କ ପ୍ରତି ମଧ୍ୟ ବର୍ଣ୍ଣନା ରହିଛି । ପ୍ରଭୁଙ୍କ ସହିତ ନ୍ୟାୟ କରିବା ଏହିକି ଯେ ତାଙ୍କ ଅନୁକମ୍ପାଗୁଡ଼ିକୁ ସ୍ମରଣ କରି ତାଙ୍କ ଆଜ୍ଞାକାରୀ ହେବା ଏବଂ ତାଙ୍କ ଉପରେ ଦୟା କରିବା ଏହିକି ଯେ ତାଙ୍କ ଅସ୍ତିତ୍ୱ ଉପରେ ଏପରି ଅଟଳ ବିଶ୍ୱାସ ଓ ଆସ୍ଥା ରଖିବା ଯେପରିକି ତାଙ୍କୁ ତୁମେ ଦର୍ଶନ କରୁଅଛ ଏବଂ ପ୍ରଭୁ ସହିତ ଈତାଇଜିଲ୍ କୁର୍‌ବା ଏହିକି ଯେ ତାଙ୍କ ଉପାସନା ନା ବୈକୁଣ୍ଠ ପ୍ରାପ୍ତିର ଲାଳଷାରେ କରିବା ଉଚିତ୍ ନା ନର୍କାଗନ୍ନିକୁ ଭୟ କରିବା ଯୋଗୁଁ ବରଂ ଯଦି ଧରିନିଆଯାଏ କି ନା ବୈକୁଣ୍ଠ ବୋଲି କିଛି ଅଛି ନା ନର୍କ ବୋଲି କିଛି ଅଛି ତେବେ ମଧ୍ୟ ତାଙ୍କ ପ୍ରତି ଅନାବିଳ ପ୍ରେମ ଓ ଆଜ୍ଞାକାରୀତାରେ ଫରକ୍ ଆସି ନଥାଏ ।

ହଜରତ ମସିହ ମଉଦ୍[ଅ.ସ] ଅଣମୁସଲମାନଙ୍କୁ ଇସଲାମୀୟ ନୀତିଶିକ୍ଷା ସମ୍ବନ୍ଧରେ ଅବଗତ କରିବା ସମୟରେ କେତେକ ସ୍ଥାନରେ ଏହି ବିଷୟ ବର୍ଣ୍ଣନା କରିଛନ୍ତି । ଏହିପରି ଆପଣ ନିଜ ଜମାଅତକୁ ଉପଦେଶ ଦେଇ ଏହି ବିଷୟ ଅତି ସ୍ୱଷ୍ଟ ରୂପେ ବୁଝାଇଛନ୍ତି ।

ଏକ ଅବସରରେ ଆପଣ[ଅ.ସ] କହିଲେ; ନ୍ୟାୟ ଆଚରଣ କରିବା ଅବସ୍ଥା ଏହିକି ଯେ ଜଣେ ଧର୍ମପରାୟଣ ବ୍ୟକ୍ତି ତାମଶିକ ପ୍ରବୃତ୍ତି ସହିତ ସଂଘର୍ଷ କରିଥାଏ ଅର୍ଥାତ ନିଜ ସୁଧାର କରିବାରେ ନ୍ୟାୟ କରିବାର ଆଦେଶ ରହିଛି । ଏହି ଅବସ୍ଥାରେ ନିଜ କାମନା ବିପରୀତ କାର୍ଯ୍ୟ କରିବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ କାହାର କରଜ ଫେରସ୍ତ କରିବା, ତାମଶିକ ପ୍ରବୃତ୍ତି ଏହି ଅଭିଳାଷ କରିଥାଏ କି କିପରି ତାହାକୁ ଆତ୍ମସାତ କରିଦେବି । ଆପଣ[ଅ.ସ] କୁହନ୍ତି; ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ କେତେକ ଲୋକ ଏସବୁ କଥାର ପରୱା କରି ନଥାନ୍ତି ଏବଂ ଆମ ଜମାଅତରେ ମଧ୍ୟ ଏପରି ଲୋକ ଅଛନ୍ତି ଯେ ନିଜ କରଜ ପରିଶୋଧ କରିବା ପ୍ରତି ଖୁବ୍ କମ୍ ଧ୍ୟାନ ଦେଇଥାନ୍ତି । ଏହା ନ୍ୟାୟ ବିରୋଧ ଆଚରଣ ଅଟେ । ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ତ ଏପରି ଲୋକମାନଙ୍କ ନମାଜ ଜନାଯାଃ ମଧ୍ୟ ପାଠ କରାଉ ନଥିଲେ । ସୁତରାଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏକଥା ଖୁବ୍ ଭଲଭାବରେ ମନେରଖନ୍ତୁ ଯେ କରଜ ପରିଶୋଧ କରିବାରେ କଦାପି ଅଳସୁଆମି ପ୍ରଦର୍ଶନ କରନ୍ତୁ ନାହିଁ ଏବଂ ସମସ୍ତ ପ୍ରକାରର ବିଶ୍ୱାସଘାତକତା ଓ ଆତ୍ମସାତ ମୂଳକ କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ । କାରଣ ଏସବୁ ଅଲ୍ଲାଃତାଲାଙ୍କ ଧାର୍ଯ୍ୟବିଧାନର ବିପରୀତ (କାର୍ଯ୍ୟ) ଅଟେ ।

ଆପଣ[ଅ.ସ] କୁହନ୍ତି; ପରମେଶ୍ୱର ଏସମସ୍ତ ସତ୍‌କର୍ମର ପ୍ରକାର ଭେଦ ତାହାର ସ୍ଥାନକାଳ ସହିତ ସଂଶ୍ଳିଷ୍ଟ ଏବଂ ଏହି ଆୟତ୍‌ରେ ସ୍ୱଷ୍ଟ ରୂପେ ଦର୍ଶାଇ ଦିଆଯାଇଛି ଯେ, **ଯଦି ଉକ୍ତ ସତ୍‌କର୍ମଗୁଡ଼ିକ ନିଜ ନିଜ ସ୍ଥାନକାଳ ଅନୁକୂଳ ସମ୍ପାଦନ ନକରାଯାଏ ତେବେ ତାହା ପାପରେ ରୂପାନ୍ତରିତ ହୋଇଯିବ । ନ୍ୟାୟ ଅପକର୍ମରେ ପାଲଟିଯିବ ।** ଅର୍ଥାତ ସୀମାଲଘଂନ କରିବାରେ ଏତେ ଅଧିକ ଆଗକୁ ବଢ଼ିଯିବା ଯେ ତାହା ଅପବିତ୍ରତାର ଅବସ୍ଥାରେ ଉପନିତ

ହୋଇଯିବ । ଏହିପରି ଦୟାର ଅସ୍ୱୀକାରକାରୀମାନଙ୍କ ଅବସ୍ଥା ଅଟେ । ଅର୍ଥାତ ସେହି ଅବସ୍ଥା ଯାହାକୁ ବୁଦ୍ଧିଜ୍ଞାନ ଓ କାନସିୟସ୍ ଅସ୍ୱୀକାର କରିଥାଏ ଏବଂ ଇତାଇଜିଲ୍ କୁର୍ବା ପରିବର୍ତ୍ତେ ବିଦ୍ରୋହୀ/ବେଶ୍ୟା (ବଗୀ) ପାଲଟି ଯାଇଥାଏ । ଅର୍ଥାତ ଅନୁଚିତ୍ ସ୍ଥାନେ ସହାନୁଭୂତି ପ୍ରଦର୍ଶନ କରିବା ଏକ ଖରାପ୍ (ବିଶୃଙ୍ଖଳା ପୂର୍ଣ୍ଣ) ପରିସ୍ଥିତି ଉପୁଯେଇ ଦେଇଥାଏ । ଅସଲରେ ବଗୀ ସେହି ବର୍ଷାକୁ କୁହନ୍ତି ଯାହାକି ଆବଶ୍ୟକତା ଠାରୁ ପ୍ରବଳ ବର୍ଷି ଯାଇଥାଏ ଏବଂ ଫସଲକୁ ନଷ୍ଟଭ୍ରଷ୍ଟ କରି ଦେଇଥାଏ । କର୍ତ୍ତବ୍ୟ ସମ୍ପାଦନ କରିବାରେ ସ୍ୱଳ୍ପତା ଅବଲମ୍ବନକାରୀଙ୍କୁ ମଧ୍ୟ ବଗୀ କୁହାଯାଏ ଏବଂ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅତିଶୟତା ଅବଲମ୍ବନକାରୀଙ୍କୁ ମଧ୍ୟ ବଗୀ କୁହାଯାଏ । ବସ୍ତୁତଃ ଏହି ତିନୋଟି ମଧ୍ୟରୁ ଯେକୌଣସି ନିଜ ସ୍ଥାନକାଳ ଅନୁକୂଳ ସମ୍ପାଦନ ନକରାଯିବ ତାହା ମନ୍ଦ ଚରିତ୍ର ପାଲଟିଯିବ । ତେଣୁକରି ଏହି ତିନୋଟି ମାଧ୍ୟମରେ ସ୍ଥାନକାଳ ସର୍ତ୍ତ ଅଟେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ, ହଜରତ ମସିହ ମଉଦ୍[ଅ.ସ] ନିଜ ପୁସ୍ତକ ଓ ବୈଠକମାନଙ୍କରେ ଅତି ବଳିଷ୍ଠ ଭାବରେ ତାଗିଦ୍ କରିଛନ୍ତି । ଅତଏବ ଆମମାନଙ୍କର ଏହି କର୍ତ୍ତବ୍ୟ କି ଆମେମାନେ ପ୍ରଭୁଙ୍କ ସହିତ ନିଜ ସମ୍ପର୍କକୁ ମଜବୁତ୍ କରିବା ସହିତ ଭକ୍ତଙ୍କର କର୍ତ୍ତବ୍ୟ ମଧ୍ୟ ସଠିକ୍ ରୂପେ ସମ୍ପାଦନ କରିବାକୁ ଉଦ୍ୟମ କରିବା । **ଅଲ୍ଲାଃତାଲା ଆମମାନଙ୍କୁ ଏଥିମୁତାବକ ନିଜ ଜୀବନ ଅତିବାହିତ କରିବା, ଉପାସନାର ଉଚ୍ଚତମ ସ୍ତର ହାସଲ କରିବା, ଭକ୍ତଙ୍କର କର୍ତ୍ତବ୍ୟ ବିଶେଷ ଭାବରେ ନିଜ ନିକଟ ସମ୍ପର୍କିୟଙ୍କ ସହିତ ସ୍ନେହଆଦର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏପରିକି ଆମେ ସଂସାରବାସୀଙ୍କ ସକାଶେ ଉଦାହରଣ ପାଲଟି ଯାଉ ।** ଏସବୁ ହିତଉପଦେଶର ପାଳନ କରିବା ସହିତ ଆମେ ନିଜ ବୈଅତ୍ର ମଧ୍ୟ କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ପ୍ରତ୍ୟେକ ଜୁମାରେ ଆମେମାନେ ଏସବୁ କଥା ଶୁଣି ସେଥିନୁଯାୟୀ କାର୍ଯ୍ୟକାରୀ କରୁ ନଚେତ୍ ଆମ ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରହିବ ନାହିଁ । ଅଲ୍ଲାଃତାଲା ଆମ ଓ ଅନ୍ୟମାନଙ୍କ ମଧ୍ୟରେ ସ୍ପଷ୍ଟ ପ୍ରାର୍ଥକ୍ୟ ସୃଷ୍ଟି କରିଦିଅନ୍ତୁ । ଯେମିତିକି ହଜରତ ମସିହ ମଉଦ୍[ଅ.ସ] ଅତି ଦରଦ୍ର (ଉତ୍କଣ୍ଠିତ ଭାବ) ବ୍ୟକ୍ତ କରିଛନ୍ତି ।

ଖୁତ୍ବା ସାନିୟା ପୂର୍ବରୁ ହଜୁର ଅନଓ୍ୱର[ଅ.ବ] କହିଲେ, ପାକିସ୍ତାନର ଉତ୍କଟ ପରିସ୍ଥିତି ପାଇଁ ମଧ୍ୟ ଦୁଆ କରୁଥାନ୍ତୁ । ଆମେମାନଙ୍କୁ ତ ପୁଣ୍ୟକର୍ମ ସଂପ୍ରଶାରିତ କରିବା ସକାଶେ ନିଜ କାର୍ଯ୍ୟ ସମ୍ପାଦନ କରିଚାଲିବାର ଅଛି ଏବଂ ଶୈତାନ୍ ପ୍ରବୃତ୍ତି ଲୋକମାନେ ନିଜ ଅନ୍ୟାୟ ଅତ୍ୟାଚାର ମୂଳକ ଉପଦ୍ରବ କରି ଚାଲିଥିବେ । ଆମର ତ ସେମାନଙ୍କ ସହିତ କୌଣସି ମୁକାବିଲା ନାହିଁ । ଆମେମାନଙ୍କୁ ତ ଅଲ୍ଲାଃତାଲାଙ୍କର ଆଦେଶା ପାଳନ କରିବାର ଅଛି । ସର୍ବଦା ଏହି ଦୁଆ କରୁଥାନ୍ତୁ ଯେ ଅଲ୍ଲାଃତାଲା ଆମମାନଙ୍କ ବିଶ୍ୱାସକୁ ସୁରକ୍ଷିତ ରଖିଥାନ୍ତୁ ଏବଂ କଦାପି ତାହା ଆନ୍ଦୋଳିତ ନହେଉ । ଅଲ୍ଲାଃତାଲାଙ୍କ ସହିତ ଆମର ସେହି ସମ୍ପର୍କ ସ୍ଥାପନ ହୋଇଯାଉ ଯାହାକି ଇତାଇଜିଲ୍ କୁର୍ବାର ସମ୍ପର୍କ ଅଟେ । ଇନ୍ଶାଅଲ୍ଲାଃ । ଆଉ ଶତ୍ରୁ ଯାହାଙ୍କ ସୁଧାର ପ୍ରଭୁଙ୍କ ସମକ୍ଷରେ ଅସମ୍ଭବ, ସେ ପ୍ରଭୁ ହିଁ ତାଙ୍କର ବିନାଶ/ସର୍ବନାଶ କରନ୍ତୁ । ଇନ୍ଶାଅଲ୍ଲାଃ । ଯେତେବେଳେ ଏପରି ଅବସ୍ଥା ଉପୁର୍ଣ୍ଣ ହୋଇଯିବ ଅର୍ଥାତ ଅଲ୍ଲାଃତାଲାଙ୍କ ସହିତ ଆମର ସୁଦୃଢ ସମ୍ପର୍କ ସ୍ଥାପନ ହୋଇଯିବ ସେତେବେଳେ ଆମେ ଶତ୍ରୁର ଧ୍ୱଂସ ହେବା ମଧ୍ୟ ସ୍ୱଚକ୍ଷୁରେ ଅବଲୋକନ କରିନେବା ।

ଅଲ୍ହମ୍ଦୁ ଲିଲ୍ଲାହି ନହ୍ମଦୁହୁ ଓ୍ୱ ନସ୍ତଇନୁହୁ ଓନସ୍ତଗ୍ଫିରୁହୁ ଓନୁମିନୁ ବିହି ଓନତଓକ୍କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍ଲିଲ୍ହୁ ଫଲା ହାଦିୟା ଲହୁ ଓନଶ୍ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ଓ୍ୱନଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍ମକୁମୁଲ୍ଲାହା ଇନ୍ନଲ୍ଲାହା ୟାମୁରୁବିଲ୍ ଅଦ୍ଲେ ଓ୍ୱଲ୍ ଇହ୍ସାନି ଓ୍ୱଇତାଇଜିଲ କୁର୍ବା ଓ୍ୱୟନ୍ହା ଅନିଲ୍ ଫହ୍ଶାଇ ଓ୍ୱଲ୍ ମୁନ୍କରି ଓ୍ୱଲ୍ ବଗ୍ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉୟ୍କୁରୁଲ୍ଲାହା ୟୟ୍କୁରୁକୁମ୍ ଓଦ୍ଉହୁ ୟସ୍ତଜିବ୍ ଲକୁମ୍ ଓଲୟିକ୍ରୁଲ୍ଲାହି ଅକ୍ବର୍ ।

Khulasa Khutba Juma Huzoor Anwar a.b.a

5th May 2023